# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**19 July - 2024**

**News Editor : *Itishree Singh Rathaur***

---

# ନୀଳାଦ୍ରି ବିଜେ

ପୁରୀ ଶ୍ରୀକ୍ଷେତ୍ରରେ ଆଜି ମହାପ୍ରଭୁଙ୍କର ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ । ଗତକାଲି ରଥ ଉପରେ ଅଧରପଣା ନୀତି ସଂପନ୍ନ ହେବା ପରେ ଆଜି ଠାକୁର ରତ୍ନବେଦୀକୁ ବିଜେ କରିବେ । ଆସନ୍ତାକାଲି ଠାରୁ ଭକ୍ତମାନଙ୍କୁ ନୀଳାଚଳ ଅବଢ଼ା ମିଳିବ । ନୀଳାଦ୍ରି ବିଜେ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଅପରାହ୍ନ ୪ଟା ସୁଦ୍ଧା ଚତୁର୍ଦ୍ଧାମୂର୍ତ୍ତିଙ୍କର ପହଣ୍ଡି ଆରମ୍ଭ ହେବ ।

---

# ମୁଖ୍ୟମନ୍ତ୍ରୀ-ବଜେଟ୍

ସପ୍ତଦଶ ବିଧାନସଭାର ଅଧିବେଶନ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ । ଆସନ୍ତା ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ମନ୍ତ୍ରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ଚିଠା ବଜେଟ୍ ଗୃହୀତ ହୋଇଛି । ବଜେଟ୍‌ରେ ଧାନ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର

ପ୍ରଦାନ ଏବଂ ପୁରୀ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ପାଇଁ ୫୦୦କୋଟି ଟଙ୍କାର କର୍ପସ ପାଣ୍ଠି ପାଇଁ ବ୍ୟବସ୍ଥା କରାଯାଇଥିବାର ଜଣାଯାଇଛି ।

---

# ମୁଖ୍ୟମନ୍ତ୍ରୀ-ବଜେଟ୍

ସପ୍ତଦଶ ବିଧାନସଭାର ଅଧିବେଶନ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ । ଆସନ୍ତା ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ମନ୍ତ୍ରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ଚିଠା ବଜେଟ୍ ଗୃହୀତ ହୋଇଛି । ବଜେଟ୍‌ରେ ଧାନ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ପ୍ରଦାନ ଏବଂ ପୁରୀ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ପାଇଁ ୫୦୦କୋଟି ଟଙ୍କାର କର୍ପସ ପାଣ୍ଠି ପାଇଁ ବ୍ୟବସ୍ଥା କରାଯାଇଥିବାର ଜଣାଯାଇଛି ।

---

## ମୁଖ୍ୟମନ୍ତ୍ରୀ

କଟକ ନିଶ୍ଚିନ୍ତକୋଇଲିସ୍ଥିତ ଅହମ୍ମଦ ବକ୍ସ ସରକାରୀ ଉଚ୍ଚବିଦ୍ୟାଳୟକୁ ମଡେଲ ସ୍କୁଲ୍‌ରେ ପରିଣତ କରାଯିବ । ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାରକୁ କଡ଼ାକଡ଼ି କରାଯିବ । ଏହି ଅବସରରେ ନୂଆ ଓଡ଼ିଶା ଗଠନରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

---

## ସମୀକ୍ଷା ବୈଠକ

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ନୂତନ କୋଠା ନିର୍ମାଣର ଅଗ୍ରଗତି ନେଇ ଗତକାଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମୀକ୍ଷା କରିଛନ୍ତି । ଏହି ସମୟରେ ସେ ରୂପାନ୍ତରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ପ୍ରତି ୧୫ ଦିନରେ ଥରେ କାର୍ଯ୍ୟର ଅଗ୍ରଗତି ନେଇ ରିପୋର୍ଟ ପ୍ରଦାନ କରିବାକୁ ସେ କହିଥିବା ଜଣାପଡ଼ିଛି । ସୂଚନା ଅନୁସାରେ ୪୮ ଏକର ବିଶିଷ୍ଟ ନିର୍ମାଣାଧୀନ ଏସ୍‌ସିବିର ନୂତନ କ୍ୟାମ୍ପସରେ ବିଭିନ୍ନ ବିଭାଗର ୨୬୬ଟି ଆଇସିୟୁ ଶଯ୍ୟା ସହ ୨୫୮ଟି ଶଯ୍ୟାର ନିର୍ମାଣ ପ୍ରସ୍ତାବ ରହିଛି ।

## ବିଜେପି କାର୍ଯ୍ୟକାରିଣୀ ବୈଠକ

ପୁରୀରେ ଆଜିଠାରୁ ବିଜେପିର ଦୁଇଦିନିଆ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଯୋଗଦେଇ ଦଳର ସାଂଗଠନିକ ସ୍ଥିତି ଏବଂ ରାଜ୍ୟରେ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ନେଇ ଆଲୋଚନା କରିବେ ବୋଲି ଜଣାପଡ଼ିଛି । ବୈଠକରେ ସମସ୍ତ ସାଂସଦ, ବିଧାୟକଙ୍କ ସମେତ ପ୍ରଭାରୀମାନେ ଯୋଗଦେବେ।

# ରୁପା ରୋଶନ ସାହୁ

 ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିବା  ବରିଷ୍ଠ ଆଇଏଏସ୍ ଅଧିକାରୀ ରୁପା ରୋଶନ୍ ସାହୁଙ୍କୁ ଅନୁସୂଚିତ ଜାତି ଏବଂ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗର ସଚିବ ଭାବେ ନୂଆ ନିଯୁକ୍ତି ଦିଆଯାଇଛି । ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ମୁଖ୍ୟମନ୍ତ୍ରୀ-ବଜେଟ୍

ସପ୍ତଦଶ ବିଧାନସଭାର ଅଧିବେଶନ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ । ଆସନ୍ତା ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ମନ୍ତ୍ରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ଚିଠା ବଜେଟ୍ ଗୃହୀତ ହୋଇଛି । ବଜେଟ୍‌ରେ ଧାନ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ପ୍ରଦାନ ଏବଂ ପୁରୀ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ପାଇଁ ୫୦୦କୋଟି ଟଙ୍କାର କର୍ପସ ପାଣ୍ଠି ପାଇଁ ବ୍ୟବସ୍ଥା କରାଯାଇଥିବାର ଜଣାଯାଇଛି ।

# ମେଧା ତାଲିକା

ରାଜ୍ୟରେ ଆଇନ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି ।ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ଆଜିଠାରୁ ଆସନ୍ତା ୨୨ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ । ଆସନ୍ତା ୨୬ ତାରିଖରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ । ଆସନ୍ତା ଅଗଷ୍ଟ ମାସ ୨୦ ତାରିଖରୁ ପାଠପଢ଼ା ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

---

# ନାମଲେଖା

ଜବାହର ନବୋଦୟ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଦ୍ୟାଳୟ ପକ୍ଷରୁ ଆବେଦନକାରୀଙ୍କ ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ଷଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ହେବ । ଏ ନେଇ ସମସ୍ତ ସୂଚନା ବିଦ୍ୟାଳୟର ୱେବ୍‌ସାଇଟ୍ **www.nabodaya.gov.in** ରେ ଉପଲବ୍ଧ ରହିଛି ।

---

# ଧବଳେଶ୍ୱର ପୀଠ

ଶ୍ରାବଣ ମାସ ଆରମ୍ଭ ହେବା ପୂର୍ବରୁ କଟକ ଧବଳେଶ୍ୱର ପୀଠ ପ୍ରଶାସନ ଏବଂ ପୂଜକ ସମିତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜଳଲାଗି ନିମନ୍ତେ ପ୍ଲାଷ୍ଟିକ୍ ଢାଳର ବ୍ୟବହାରକୁ ସଂପୂର୍ଣ୍ଣ

ରୂପେ ନିଷେଧ କରାଯାଇଛି । ଏହା ସହ ପରିମଳ ବ୍ୟବସ୍ଥା, ପାନୀୟ ଜଳ ସୁବିଧା, ସ୍ୱାସ୍ଥ୍ୟ, ଆଲୋକୀକରଣ, ଆଇନଶୃଙ୍ଖଳା ବ୍ୟବସ୍ଥା ଆଦି ଉପରେ ଆଲୋଚନା ହୋଇଥିଲା । ସୂଚନା ଅନୁସାରେ ଆସନ୍ତା ସୋମବାର ଠାରୁ ଶ୍ରାବଣମାସ ଆରମ୍ଭ ହେଉଛି ।

## ଫାସ୍‌ଟ୍ୟାଗ୍

ମୋଟର ଗାଡ଼ିର ସମ୍ମୁଖ କାଚରେ ଫାସ୍‌ଟ୍ୟାଗ ଲଗାଉ ନଥିବା ଚାଳକଙ୍କଠାରୁ ଦୁଇଗୁଣ ଅଧିକ ଫି' ଆଦାୟ କରାଯିବ । ଏ ସଂକ୍ରାନ୍ତରେ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ-ଏନ୍‌ଏଚ୍‌ଆଇ ଏକ ମାର୍ଗଦର୍ଶିକା ଜାରି କରିଛି । ୟୁଜର ଫି' ସଂଗ୍ରହ କରୁଥିବା ଏଜେନ୍ସୀମାନଙ୍କୁ ଫାସ୍‌ଟ୍ୟାଗ ନଥିବା ଗାଡ଼ିର ସିସିଟିଭି ଫୁଟେଜ୍ ରେକର୍ଡିଂ କରିବାକୁ କୁହାଯାଇଛି ।

## ପାଣିପାଗ

କେନ୍ଦ୍ରୀୟ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ଗଞ୍ଜାମ,ଗଜପତି, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, ବୌଦ୍ଧ ଏବଂ ପୁରୀ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।